## ସଂକ୍ଷେପରେ

### ପିଇବା ପାଣି ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ଧରାକୋଟ,୨୦।୧(ଡି.ଏନ୍.ଏ.)– ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମ ଋଷିକୁଲ୍ୟା କେନାଲ ପାର୍ଶ୍ୱରେ ଥିବା କିଶୋରବିହାର ବସ୍ତିରେ ପିଇବା ପାଣିର ଅଭାବ ଦେଖାଦେଇଛି। କିଶୋର ବିହାର ଅଞ୍ଚଳରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ପିଇବା ପାଣି ଯୋଗାଣ ଲାଗି ପାଇପ ବିଛା ଯାଇନାହିଁ । ଏବେଠାରୁ ପାଣି ସମସ୍ୟା ଦେଖା ଦେଲାଣି । ତେଣୁ କିଶୋରବିହାରର ମାଳା ଗୌଡ଼, ମମି ଡାକୁଆ, ଅନିତା ଗୌଡ଼, କୁନି ଗୌଡ଼, ରଙ୍ଗବତୀ ବିଶାଳ, ଯମୁନା ମହାରଣା, ସୁଲକ୍ଷଣୀ ଗୌଡ଼, ଝୁନୁ ଗୌଡ଼ ଏବଂ ବିଷ୍ଣୁ ଗୌଡ଼ଙ୍କ ସମେତ ଅନେକ ମହିଳା ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଡେନିସ ବେହେରାଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପାଇପ ଲାଇନ ସମ୍ପ୍ରସାରଣ କିମ୍ବା ଜରୁରୀକାଳୀନ ଭିତ୍ତିରେ ସେଠାରେ ଏକ ନଳକୂପ ଖନନ ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି ।

### ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା

ଛତ୍ରପୁର,୨୦।୧(ଡି.ଏନ୍.ଏ.)– ଗଞ୍ଜାମ ଜିଲ୍ଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଓଡିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ଏଥିରେ ବିଚାରକ ଭାବେ ସଙ୍ଗୀତଜ୍ଞ ଯତୀନ ଦାଶ, ସଙ୍ଗୀତଜ୍ଞ ଡ. ଚନ୍ଦନ ଗନ୍ତାୟତ ଏବଂ ସଙ୍ଗୀତଜ୍ଞ ଇଂ. ଅଭୟେନ୍ଦୁ ପଟ୍ଟନାୟକ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ପ୍ରାଥମିକସ୍ତରରେ ପ୍ରବୀଣ କୁମାର ପଲାଇ, ତନିସା ନାୟକ ଓ ଚିନ୍ମୟୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଇଂରାଜୀସ୍ତରରେ ଓଡିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାରେ ସୋନାଲି ପ୍ରଧାନ, ରୋଶନୀ କୁମାରୀ ପତି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ନିବେଦୀତା ସ୍ୱାଇଁ, କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି । ଉଚ୍ଚ ବିଦ୍ୟାଳୟସ୍ତରରେ ସାହିଲ କୁମାର ପାତ୍ର ପ୍ରଥମ, ପ୍ରିୟଙ୍କା ସାହୁ ଦ୍ୱିତୀୟ ଓ ଦିବସ୍ୱୀ ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରରେ ଦିପିକା ନାୟକ ପ୍ରଥମ ସ୍ଥାନ, ବି. ରେଶ୍ମା ରେଡ୍ଡୀ ଦ୍ୱିତୀୟ ସ୍ଥାନ ଓ ସୌମ୍ୟାଶ୍ରୀ ରଥ ଏବଂ ରିଙ୍କି ନାଇକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# ଡାକ୍ତରଙ୍କ କ୍ୱାର୍ଟର୍ସରେ ଚାଲିଛି ରୋଗୀସେବା

ଫୁଲବାଣୀ ଅଫିସ, ୨୦।୧



କ୍ୱାର୍ଟର୍ସରେ ଚାଲିଥିବା ବିଲାବାଡି ସ୍ୱାସ୍ଥ୍ୟକେନ୍ଦ୍ର ।

ଡାକ୍ତରଙ୍କ କ୍ୱାର୍ଟର୍ସରେ ଚାଲିଛି ରୋଗୀସେବା । ରୋଷେଇ ଘରେ ପରୀକ୍ଷାଗାର । ଆଡମିଶନ ହେବାକୁ ନାହିଁ ବେଡ । ନାହାନ୍ତି ଆବଶ୍ୟକ ଡାକ୍ତର । ଏଭଳି ଚାଲିଛି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା । ଏହି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକର ଦୁର୍ଗମ ପଞ୍ଚାୟତ ବିଲାବାଡ଼ିରେ । ବିଲାବାଡ଼ିରେ ଥିବା ଏକମାତ୍ର ଡାକ୍ତରଖାନାର ପୁରୁଣା ବିଲ୍ଡିଂ ବହୁ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ନୂତନ ବିଲ୍ଡିଂ ନିର୍ମାଣ ହେଉନାହିଁ । ଡାକ୍ତରଙ୍କ କ୍ୱାର୍ଟର୍ସରେ ରୋଗୀ ସେବା ଚାଲିଛି । ବିଗତ କିଛି ବର୍ଷ ହେବ ମେଡିକାଲରେ କେହି ଡାକ୍ତର ନ ଥିଲେ । ଗତ ଡିସେମ୍ବର ୧୫ରୁ ଏକ ଏନ୍‌ଜିଓ ସଂସ୍ଥା ଏହି ମେଡିକାଲ ଚଳାଉଛି । ଏବେ ସେଠାରେ ଏନ୍‌ଜିଓ ପକ୍ଷରୁ ଜଣେ ଆୟୁଷ ଡାକ୍ତର ଏବଂ ଜଣେ ଲେଖାଏଁ ଏଏନ୍‌ଏମ୍, ଜିଏନ୍‌ଏମ୍, ଲ୍ୟାବ ଟେକନିସିଆନ, କମ୍ପାଉଣ୍ଡର, ସ୍ୱାସ୍ଥ୍ୟ ସମ୍ପର୍କ କୋଅର୍ଡିନେଟର, ସିକ୍ୟୁରିଟି, ୱାଚମ୍ୟାନଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତ୍ୟେକ ଦିନ ଏହି ମେଡିକାଲକୁ ୨୦ରୁ ୩୦ ଜଣ ରୋଗୀ ଆସୁଛନ୍ତି । ବେଡର ସୁବିଧା ସହ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳୁନାହିଁ । ସେହିପରି ମେଡିକାଲ ବିଲଡିଂ ନ ଥିବାରୁ ରୋଗୀଙ୍କୁ ଆଡମିଶନ କରି ହେଉନାହିଁ । ବାଧ୍ୟ ହୋଇ ଡାକ୍ତର ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରୁଛନ୍ତି ।

ଆହୁରି ବଡ ସମସ୍ୟା ହୋଇଛି ଷ୍ଟାଫ ମାନେ ରହିବା ଲାଗି । ଡାକ୍ତରଙ୍କ କ୍ୱାର୍ଟର୍ସକୁ ମିଶାଇ ମୋଟ ୩ଟି କ୍ୱାର୍ଟର୍ସ ରହିଛି । ଡାକ୍ତରଙ୍କ କ୍ୱାର୍ଟର୍ସରେ ମେଡିକାଲ ଚାଲୁଥିବାରୁ ସବୁ ଷ୍ଟାଫ ବାକି ଦୁଇଟି କ୍ୱାର୍ଟର୍ସରେ ରହିବାକୁ ବାଧ୍ୟ ହେଉଛନ୍ତି । ଗୋଟିଏରେ ମହିଳା ଏବଂ ଅନ୍ୟଟିରେ ଡାକ୍ତରଙ୍କୁ ମିଶାଇ ସବୁ ପୁରୁଷ ଷ୍ଟାଫ ରହୁଛନ୍ତି । ବିଦ୍ୟୁତ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଖରାପ ହୋଇପଡିଥିବା ସୋଲାର ବ୍ୟବସ୍ଥାକୁ ଷ୍ଟାଫମାନେ ପ୍ରୟାସ ରି ଠିକ୍ କରିଛନ୍ତି । ଏହି ମେଡିକାଲ ଉପରେ ଡଙ୍ଗା, ଡୁଗୁଡା, କିଲୁମାହା, ମହାପାତ୍ର, ଗୁଡୁ, ବଡଝରି, କାର୍ନାରଦେଇ, ସୁଦ୍ରେଡୁ, ସାକାଡି, ପାତଳସୁଗା, ବାନ୍ଧଣପାଙ୍କୁ, କରଡା, ସମାପାଙ୍କୁ, କୁଟିବାରୀ, ଘାଟିତଳ, କାକେନ୍ଦ୍ରି ଆଦି ୨୦ଟି ଗ୍ରାମର ଲୋକେ ନିର୍ଭର କରନ୍ତି । ପୂର୍ବତନ ଏମ୍‌ପି ଏହି ମେଡିକାଲକୁ ନିଜସ୍ୱ ପାଣ୍ଠିରୁ ଏକ ଆମ୍ବୁଲାନ୍ସ ଦେଇଥିଲେ । ଗୁରୁତର ରୋଗୀଙ୍କୁ ରେଫର କରିବା, ଗର୍ଭବତୀଙ୍କୁ ଆଣି ମେଡିକାଲରେ ପହଞ୍ଚାଇବା ଲାଗି । କିଛି ବର୍ଷ ହେବ ମେଡିକାଲ ବନ୍ଦ ପଡିବାରୁ ଆମ୍ବୁଲାନ୍ସକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି । ଆଗରୁ ମେଡିକାଲ ବନ୍ଦ ଥିଲା । ଆମେ ବାଧ୍ୟ ହୋଇ ଫୁଲବାଣୀ ଯାଉଥିଲୁ । ଏବେ ଆମ୍ବୁଲାନ୍ସ ନ ଥିବାରୁ ଅଟୋରେ ରୋଗୀଙ୍କୁ ନିଆଯାଉଛି । କିଛି ଦିନ ହେବ ମେଡିକାଲ ଖୋଲିଛି । ହେଲେ ଡାକ୍ତରଙ୍କ ଅଭାବରୁ ସବୁ ପ୍ରକାର ଚିକିତ୍ସା ସେବା ମିଳୁନାହିଁ । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ପ୍ରକାଶ ଚନ୍ଦ୍ର ମଲ୍ଲିକ, ଶାନ୍ତିଲତା କହଁର, ବୁନ୍ଦେଇ ମଲ୍ଲିକ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି । ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏହାକୁ ଆଦର୍ଶ ପଞ୍ଚାୟତ ଭାବେ ଗ୍ରହଣ କରିଥିଲେ । ଲୋକେ ଆଶା ବାନ୍ଧିଥିଲେ ସେମାନଙ୍କ ଦୁଃଖ ଦୂରହେବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ମିଳିବ । ହେଲେ ସେପରି ହେଲା ନାହିଁ । ଯେଉଁଭଳି ଥିଲେ ଏବେ ବି ସେପରି ଅଛନ୍ତି । ସ୍ୱାସ୍ଥ୍ୟସେବା ପାଇଁ ସବୁବେଳେ ହଇରାଣ ହେଉଛନ୍ତି ।

## ଅସହାୟଙ୍କ ଘର, ଦୋକାନ ଭାଙ୍ଗିଦେବା ଘଟଣା
# ୩ଜଣଙ୍କ ନାଁରେ ମାମଲା ରୁଜୁ

ପୁରୁଷୋତ୍ତମପୁର,୨୦।୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନଏସି ଅନ୍ତର୍ଗତ ରାଧାକାନ୍ତ ସାହିର ପ୍ରସନ୍ନ କୁମାର ଶତପଥୀଙ୍କ ଘର ଓ ବଜାରରେ ଥିବା ତାଙ୍କ ଉଠା ଦୋକାନକୁ ଗୁରୁବାର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସମେତ ସହ ସ୍ମୃତିରଞ୍ଜନ ଷଡଙ୍ଗୀ, ସୁରଜ ଦାଶ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ । ଏ ନେଇ ପ୍ରସନ୍ନଙ୍କ ପତ୍ନୀ ସୁପ୍ରଭା ପୁରୁଷୋତ୍ତମପୁର ଥାନାରେ ନିର୍ବାହୀ ଅଧିକାରୀଙ୍କ ସମେତ ସ୍ମୃତି ଓ ସୁରଜଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ ଆଇନଗତ ସହାୟତା ଲାଗି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା କମିଟିର ଅଧ୍ୟକ୍ଷା ତଥା ବିଚାରପତି ପୂଜା ପ୍ରିୟଦର୍ଶନୀ ପତିଙ୍କ ନିକଟରେ କମିଟିର ନିଯୁକ୍ତିପ୍ରାପ୍ତ ରିଟେନର ତଥା ଓକିଲ ଅକ୍ଷୟ କୁମାର ବେହେରାଙ୍କ ମାଧ୍ୟମରେ ହାଜର ହୋଇ ଲିଖିତ ଭାବେ ଜଣାଇ ଗୁହାରି କରିଥିଲେ । ଶୁକ୍ରବାର ଭାରତୀୟ ଜନତାପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା ଓ ଯୁବ ନେତା ଚିତ୍ତରଞ୍ଜନ ସାହୁ ପରିବାରକୁ ଭେଟି ସାନ୍ତ୍ୱନା ଦେଇଛନ୍ତି । ଏ ନେଇ ସେ ଜିଲ୍ଲାପାଳ, ୫ଟି ସଚିବ, ସରକାର ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅପରପକ୍ଷରେ ସୁପ୍ରଭା ଥାନାରେ କରିଥିବା ଅଭିଯୋଗ ପ୍ରକାରେ ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କେସ୍ ନଂ ୪୧/୨୩ ଦଫା ୩୪୧, ୨୯୪, ୫୦୬, ୩୨୩, ୩୫୪, ୪୨୭, ୩୪ ଆଇପିସି ପ୍ରକାରେ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସମେତ ସ୍ମୃତି ରଞ୍ଜନ ଷଡଙ୍ଗୀ, ସୁରଜ ଦାଶଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

# ନାଗରିକ ଅଧିକାର, କର୍ତ୍ତବ୍ୟ ସମ୍ପର୍କିତ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ବେଗୁନିଆପଡ଼ା,୨୦।୧

ଗଞ୍ଜାମ ଜିଲା କୋଦଳା କୋର୍ଟ ସଭାଗୃହରେ ତାଲୁକା ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ନାଗରିକର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ କୋଦଳା ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟ ଗଛାୟତ, କୋଦଳା ପ୍ରଥମଶ୍ରେଣୀ ବିଚାରପତି ବିମଳାଲକ୍ଷ୍ମୀ ଚୌଧୁରୀ, ବରିଷ୍ଠ ଆଇନଜୀବୀ ଉଦୟ ନାଥ ପ୍ରଧାନ, ପ୍ରଫୁଲ୍ଲ କୁମାର ମିଶ୍ର, କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ମିସ୍ ଲକ୍ଷ୍ମୀ କୁମାରୀ ପାଇକରାୟଙ୍କ ସମେତ ବହୁ ଓକିଲ, ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ଦେଶର ନାଗରିକମାନେ ନିଜର ସମ୍ବିଧାନ ସମ୍ପର୍କରେ ସଚେତନ ହେଲେ ସାମ୍ବିଧାନିକ ଗଣତନ୍ତ୍ରର ଗାରିମା ବୃଦ୍ଧି ପାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅଧିକାର ଓ ଦାୟିତ୍ୱ ପରସ୍ପର ପରିପୂରକ । ଏହା କିପରି ଅକ୍ଷୁର୍ଣ୍ଣ ରହିପାରିବ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି କୋଦଳା ଜେଏମ୍ଏଫ୍‌ସି ବିଚାରପତି ବିମଳା ଲକ୍ଷ୍ମୀ ଚୌଧୁରୀ । ଅନେକ ଅଧିକାର ସମ୍ପର୍କରେ ଯଦିଓ ସମ୍ବିଧାନରେ ଲେଖା ଅଛି କିନ୍ତୁ ସମସ୍ତେ ତାହା ଜାଣି ପାରନ୍ତି ନାହିଁ । ଏଣୁ ବ୍ୟାପକ ସଚେତନତା କରାଯିବା ଆବଶ୍ୟକ ବୋଲି କହିଥିଲେ ଜିଲା ଅତିରିକ୍ତ ଦୌରାଜଜ୍ ବିଚାରପତି ଚିନ୍ମୟ ଗଛାୟତ ।

# କୋରମ ଅଭାବରୁ ସମିତି ବୈଠକ ସ୍ଥଗିତ

## ଦୁଇ ବିଧାୟିକା, ସାଂସଦ ଅନୁପସ୍ଥିତ

କବିସୂର୍ଯ୍ୟନଗର,୨୦।୧(ଡି.ଏନ.ଏ.)



ସମିତି ବୈଠକ

ବହୁ ମାସ ବ୍ୟବଧାନରେ ବ୍ଲକରେ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହେବାକୁ ଥିଲା । ବହୁ ଜନ ପ୍ରତିନିଧି ସାଙ୍ଗକୁ ଦୁଇ ବିଧାୟିକା ଓ ସାଂସଦ ଅନୁପସ୍ଥିତି ରହିବା ହେତୁ ବ୍ଲକ ଅଧ୍ୟକ୍ଷା ବୈଠକକୁ ସ୍ଥଗିତ ରଖିଥିଲେ । ଶୁକ୍ରବାର ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଡ଼ିଓ ତନ୍ମୟ ପାତ୍ର ନିଜ ବକ୍ତବ୍ୟ ରଖିବା ପୂର୍ବରୁ ଅଧ୍ୟକ୍ଷା ସଭାପତିତ୍ୱ କରିବାକୁ କହିଥିଲେ । ବହୁ ଜନପ୍ରତିନିଧିଙ୍କ ସମେତ ଆସିକା ସାଂସଦ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଅନୁପସ୍ଥିତ ହେତୁ ବୈଠକ ସ୍ଥଗିତ କରାଗଲା ବୋଲି ଘୋଷଣା କରିଥିଲେ ବ୍ଲକ ଅଧ୍ୟକ୍ଷା । ତେବେ ଶିଆଳିଆ, ସୁନାରିଝୋଲା, ଗୁଡ଼ିଆଳି, ଗଙ୍ଗାପୁର, ଆମ୍ବପୁଆ, ବାଲ୍ୟସାର ଜନ ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ । ତେବେ ଆଗକୁ ଯୁଦ୍ଧ ଦେହିଂ ଡାକରା ଦେଇଥିବା ୧୪ ପଞ୍ଚାୟତ ସମସ୍ତ ପ୍ରତିନିଧି ସହ ସାମୂହିକ ଜନ କଲ୍ୟାଣ କାର୍ଯ୍ୟ ପାଇଁ ଅଧ୍ୟକ୍ଷା ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି । ଆଗାମୀ ସମୟ ନିର୍ଦ୍ଧାରଣ କରି ସମସ୍ତଙ୍କ ବିଶ୍ୱାସକୁ ନେଇ ବୈଠକ ଅନୁଷ୍ଠିତ ହେବ ବୋଲି କହିଛନ୍ତି ଅଧ୍ୟକ୍ଷା ।

# ବିଦ୍ୟାଳୟ ଖେଳପଡ଼ିଆରେ ପଞ୍ଚାୟତ ସହାୟତା କେନ୍ଦ୍ର ନ କରିବାକୁ ଦାବିପତ୍ର

ପୋଲସରା,୨୦।୧(ଡି.ଏନ.ଏ.)


ଦାବିପତ୍ର ପ୍ରଦାନ କରୁଛନ୍ତି ଗ୍ରାମବାସୀ

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅଧୀନ ଖଣ୍ଡୁରୁ ଗ୍ରାମବାସୀ ଶୁକ୍ରବାର ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡ଼ିଓ ଧର୍ମରାଜ ପରିଡାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଖଣ୍ଡୁରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ପଞ୍ଚାୟତ ସହାୟତା କେନ୍ଦ୍ର ନିର୍ମାଣ କାର୍ଯ୍ୟ କରାଯାଉଛି । ସେହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏଥି ପୂର୍ବରୁ ସଂପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଡ଼ିଓ କୈଳାଶ ଚନ୍ଦ୍ର ମୁର୍ମୁଙ୍କୁ ଭେଟି ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଗୃହର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟକଳାପ ଯୋଗୁଁ ପୁଣି ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି, ଯାହାକୁ ନେଇ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ ଖଣ୍ଡୁରୁ ଗ୍ରାମବାସୀ । ଦାବିପତ୍ର ପ୍ରଦାନ ସମୟରେ ଖଣ୍ଡୁରୁ ଗ୍ରାମର ବିକ୍ରମ ସାହୁ, ମନୁ ବେହେରା, କୁମାରୀ ବେହେରା, ଶଙ୍କର ସାହୁ, ଭାସ୍କର ବେହେରା, ନାରାୟଣ ସାହୁ, ମିଟୁ ବେହେରା, ଲକ୍ଷ୍ମୀ ପ୍ରଧାନ, କୌତିକି ବେହେରା ସମେତ ଖଣ୍ଡୁରୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକୁ ଯଦି ବନ୍ଦ କରାନଯାଏ ତା ହେଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରାଯିବ ଏବଂ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଦାୟୀ ରହିବେ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ ।

# ଚାଷୀ ମୂଲିଆ ସଂଘର ବିକ୍ଷୋଭ

ଭଞ୍ଜନଗର.୨୦।୧(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ଚାଷୀ ମୂଲିଆ ସଂଘ ପକ୍ଷରୁ ଶୁକ୍ରବାର ଭଞ୍ଜନଗର ସହରରେ ଶୋଭାଯାତ୍ରା କରାଯିବା ସହ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଭଞ୍ଜନଗର, ଜଗନ୍ନାଥପ୍ରସାଦ, ସୋରଡ଼ା, ଧରାକୋଟ, ବେଲଗୁଣ୍ଠା, ବୁଗୁଡ଼ା ଆଦି ବ୍ଲକର ଚାଷୀମାନେ ଯୋଗ ଦେଇଥିଲେ । ଭୂମିହୀନଙ୍କୁ ଜମି, ଘର ପଟ୍ଟା ପ୍ରଦାନ, ଭାଗଚାଷୀଙ୍କୁ ଚାଷୀର ଅଧିକାର ଦେବା, ଜଙ୍ଗଲ ସଂଶୋଧନ ନିୟମବଳି ୨୦୨୨ ବାତିଲ କରିବା, ଜଙ୍ଗଲ ଅଧିକାର ଦେବା, ସିଲିଂ ଜମିର ପଟ୍ଟା ପ୍ରଦାନ ଓ ଘୁମୁସର ଜିଲା ଘୋଷଣା ଆଦି ଦାବି ଉଲ୍ଲେଖ କରାଯାଇଛି । ଚାଷୀ ମୂଲିଆ ସଂଘ ଗଞ୍ଜାମ ଜିଲା ଆବାହକ ନିରାକାର ନାୟକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ବିଜେଡିର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ।

ଜି.ଉଦୟଗିରି,୨୦।୧

ସ୍ଥାନୀୟ ମିନି ଷ୍ଟାଡିୟମରେ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପକ୍ଷରୁ ଶୁକ୍ରବାର ଦଳର ୨୫ତମ ପ୍ରତିଷ୍ଠା ଦିବସ ଓ ୨୬ତମ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । କନ୍ଧମାଳ ଜିଲ୍ଲା ବିଜେଡି ସଭାପତି ସରୋଜ କର୍ଣ୍ଣଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ବୀମାମନ୍ତ୍ରୀ ଶ୍ରୀକାନ୍ତ ସାହୁ, କନ୍ଧମାଳ ଏମପି ଡ.ଅଚ୍ୟୁତା ସାମନ୍ତ, ବିଧାୟକ ଦେବୀପ୍ରସାଦ ମିଶ୍ର, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲ୍ଲା ବିଜେଡି ସଭାନେତ୍ରୀ ପୁନମ କହଁର, ଜି.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ରାଇକିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରୀତମ ଚନ୍ଦ୍ର ପ୍ରଧାନ, ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କୁମାର କହଁର, ଏସଡି ଅଧ୍ୟକ୍ଷା ନନ୍ଦିନୀ କହଁର ପ୍ରମୁଖଙ୍କ ସମେତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି, ୨୦।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ମଙ୍କାଡୋଟାଆମ୍ମା ମନ୍ଦିର ପଛପାର୍ଶ୍ୱ ସାହିର ଜଣେ ଯୁବକ ବେକରେ ଶାଢ଼ୀ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଶ୍ରୀପତି ଚନ୍ଦ୍ରହାସନ (୨୨) । ତାଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ । ଶ୍ରୀପତି ବେରୋଜଗାର ଥିବାରୁ ଚିନ୍ତିତ ଥିଲେ ବୋଲି ସାଙ୍ଗ ଓ ପରିବାରବର୍ଗଙ୍କ ମଧ୍ୟରେ ଆଲୋଚନା ହେଉଛି । ଶ୍ରୀପତି ଜଣେ ମିଷ୍ଟଭାସୀ ଓ ମେଳାପୀ ଥିଲେ । ତାଙ୍କ ଆତ୍ମହତ୍ୟା ଅଭିଯୋଗ ପାଇବା ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା । ବ୍ୟବଚ୍ଛେଦ ପରେ ତାହା ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଚାଲିଛି ।

# ୧୪୬୦ ଜଣଙ୍କୁ ନିଯୁକ୍ତି ପ୍ରଦାନ

## ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା

ହିଞ୍ଜିଳିକାଟୁ,୨୦।୧(ଡି.ଏନ୍.ଏ.)



ନିଯୁକ୍ତି ମେଳାକୁ ମୁଖ୍ୟଅତିଥି ଓ ଅନ୍ୟମାନେ ଉଦଘାଟନ କରୁଛନ୍ତି ।

ହିଞ୍ଜିଳିକାଟୁ ବୃନ୍ଦାବନ ମିନି ଷ୍ଟାଡ଼ିୟମ ପରିସରରେ ଗଞ୍ଜାମ ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧୀକରଣ, ଗଞ୍ଜାମ ଜିଲା ପ୍ରଶାସନ ଓ ହିଞ୍ଜିଳିକାଟୁ ବ୍ଲକ ଓ ପୌର ପରିଷଦ ପକ୍ଷରୁ ମିଳିତ ଭାବେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କର୍ତ୍ତୀଭାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ମେଳାରେ ସିଧାସଳଖ ନିଯୁକ୍ତି ପ୍ରଦାନକାରୀ ୨୧ ବେସରକାରୀ ସଂସ୍ଥା, ତାଲିମ ପ୍ରଦାନ କରି ନିଯୁକ୍ତି ପ୍ରଦାନ ନିମନ୍ତେ ୬ଟି ସଂସ୍ଥା ଅଂଶ ଗ୍ରହଣ କରିଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ୮୫୩ ଜଣ ମହିଳା ଓ ପୁରୁଷ ବର୍ଗରେ ୧୦୫୦ ଜଣ ଏପରି ମୋଟ ୧୯୦୩ ଜଣ ନିଯୁକ୍ତି ନିମନ୍ତେ ପଞ୍ଜୀକରଣ କରାଇଥିଲେ । ସେଥିମଧ୍ୟରୁ ୧୪୬୦ଜଣ କମ୍ପାନୀ ଦ୍ୱାରା ଚୟନ ହୋଇ ସିଧାସଳଖ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟ ୧୮୫ଜଣଙ୍କୁ ତାଲିମ ପ୍ରଦାନ ପରେ ନିଯୁକ୍ତି ପ୍ରଦାନ କରାଯିବ । ସେନାବାହିନୀରେ ୧୭୬ଜଣଙ୍କୁ ଅଗ୍ନିପଥ ଯୋଜନାରେ ସାମିଲ ପାଇଁ ପ୍ରାରମ୍ଭିକ ଭାବେ ଚୟନ କରାଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା, ପୌରାଧ୍ୟକ୍ଷଙ୍କ ସମେତ ଜିଲା ପରିଷଦ ସଭ୍ୟ, ଜନପ୍ରତିନିଧି, ବିଭିନ୍ନ ନିଗମ ସଂସ୍ଥାର ମୁଖ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅଶାୟୀଙ୍କ ଉତ୍ସାହିତ କରିଥିଲେ । ହିଞ୍ଜିଳିକାଟୁ ବିଡ଼ିଓ, ତହସିଲଦାର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଆଇଆଇସିଙ୍କ ସମେତ ବ୍ଲକ ଓ ପୌର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

